ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର




www.hirranmayi.com

ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
# ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର


## ହିରଣ୍ମୟୀ –ପ୍ରଥମ ପ୍ରେମର ପ୍ରଥମ ଗୀତ / ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତି
## (ଜୁନ- ୨୦୧୯ ) ଏହି ବିଶେଷାଙ୍କକୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :



ବିରହ କୁହୁଳି ଆକାଶକୁ ଧାଏଁ
ବେଦନା ବରଷି ଯାଏଁ
**ସାବିତ୍ରୀ ପୁରୋହିତ**



ପ୍ରଥମ ପ୍ରେମ
**ଡ. ଆଲୋକ କୁମାର ରାୟ**



"ପ୍ରେମ ଓ ବିରହ "କୁ ନେଇ
**କବି ଭବାନୀ ଚରଣ ମିଶ୍ର ଙ୍କ**
ଦୁଇଟି କବିତା
**ମୁଁ ତୁମକୁ ଭଲ ପାଏ / ହା ଏ**



ତୁମେ
**ଡମ୍ବୁରୁଧର ବାଗ**



ପ୍ରଥମ ପ୍ରେମର ପ୍ରଥମ ଗୀତି
**ରମେଶ ଚନ୍ଦ୍ର ପସାଏତ**



ପ୍ରେମ ପକ୍ଷୀ
**ପୁରୁଷୋତ୍ତମ ମିଶ୍ର**



ପ୍ରଥମ ପ୍ରେମ ପ୍ରେମ ନୁହେଁ ସେ
**ପ୍ରତିଭା ପରିଜା**



ସବୁଠୁ ସୁନ୍ଦର ଋତୁର ମାୟା
**ପ୍ରଭାସିନୀ ହୋତା**



" ପ୍ରେମ ଓ ବିରହ " କୁ ନେଇ
**ନାରୀକବି ଜୟଶ୍ରୀ ପଟ୍ଟନାୟକ**
ଙ୍କ ଦୁଇଟି କବିତା :
**କେତେ ପାହାଡ଼ ଚଢ଼ିଛି ଜାଣେନା /**
**ଅମୃତ ଉଚ୍ଛ୍ୱାସ**



ଅଭୁଲା ଗୀତିର ସ୍ମୃତି
**ସୁପ୍ରଭା ସାମଲ**



ମୋ ପ୍ରଥମ ପ୍ରେମ ଚିଠି
**ସୁଧିରାଜ ରାଉତ**



ସେ ଦିନ
**ରଶ୍ମିତା ଦୀକ୍ଷିତ**



ପଚିଏ ପାଉଁଜି
**କସ୍ତୁରୀ ଚରଣ ରାଉତ**



ଚିରସ୍ରୋତା ନଇ
**ତ୍ରିଲୋଚନ ପଣ୍ଡା**




ସ୍ମୃତିର ଆଞ୍ଜୁଳି
**ଅମ୍ବିକା ସ୍ୱାଇଁ**



ପ୍ରଥମ ପ୍ରେମ
**କନକ ଲତା ଦାଶ**



ପହିଲି ଛୁଆଁ
**ଧୀରେନ୍ଦ୍ର କୁମାର ପ୍ରଧାନ**



ଆଜି ମନେ ମନେ ଝୁରେ
**ବାଉରୀବନ୍ଧୁ ଲେଙ୍କା**



**ଯୁବକବି ପ୍ରଶାନ୍ତ କୁମାର ନାଥ**
ଙ୍କ ଦୁଇଟି କବିତା
**ମୋ ପ୍ରିୟାର ପ୍ରେମ / ତୁମ ଗାଁ**



ଅନୁଗ୍ରହ
**ସ୍ମୃତି ରଞ୍ଜନ ତ୍ରିପାଠୀ**



ସ୍ମୃତିର ଶିଖାଟି ଲିଭିନାହିଁ
**ମନୋରମା ମିଶ୍ର**



**ଡକ୍ଟର କୃତ୍ତିବାସ ନାୟକ ଙ୍କ**
**ଦୁଇଟି ପ୍ରେମ ଗୀତ**



ସ୍ମୃତି ସଜଳ ସାୟା ଟିଏ
**ସରୋଜିନୀ ଦାସ**



ହୃଦୟ ରାଣୀ
**ଦୀପକ ଦେ**



ଏମିତି ବି ପ୍ରେମ
**ସୁନିତା ବାରିକ**



ଅଭୁଲା ସ୍ମୃତି
**ଶ୍ରୀମତୀ ଜ୍ୟୋତିର୍ମୟୀ ପରିଜା**



ପ୍ରଥମ ପ୍ରେମ
**ସୁଷମା ପରିଜା**



ଅଲିଭା ବ୍ୟଥା
**ପ୍ରଭାତ କୁମାର ନାୟକ**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତି

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ବିରହ କୁହୁଳି ଆକାଶକୁ ଧାଏଁ ..
# ବେଦନା ବରଷି ଯାଏ .....





ସାବିତ୍ରୀ ପୁରୋହିତ

ପୁରୁଣା ପେଡିରୁ ଯେତେ ସବୁ ଗପ ଆଣି ସିନା ଦିଏ ଥୋଇ ,
ଭଲପାଏ ବୋଲି ପ୍ରିୟାକୁ କେମିତି ବୁଝେଇବି ଜଣାନାହିଁ
ବାଇଚଢେଇ ମୋ' ବୁଝେନା ଜହ୍ନାରୁ କହେ ନୁଆଁ କିଛି କୁହ
ବୁଝେଇବି ବୋଲି ଶବ୍ଦ ଖୋଜିବାରେ ଏବେ ଯାଏ ନିରୁପାୟ ।

ପ୍ରେମର ନିଆଁରେ ପୋଡି ଯାଉଥାଏ ତାଲ ରୁ ତଳିପା' ଯାଏ
ବିରହ କୁହୁଳି ଆକାଶକୁ ଧାଏଁ ବେଦନା ବରଷି ଯାଏ
ମନ ଦେଇ ସବୁ ଦେଇଦେଲି ବୋଲି ମତେ ବୁଝାଉଛି ସିନା
ଟିକିଏ ଛୁଇଁଲେ ସରିଯିବ କାଳେ  କେମିତି ବୁଝା ପଡେନା ।

ପ୍ରକୃତି ହୋଇ ଇଶ୍ୱରଙ୍କୁ  ଦେବ କବିତାର ହାତ ଛୁଆଁ
ସର୍ତ୍ତ ରଖୁଛି ଛୁଇଁବନି କେବେ ପ୍ରେମରେ ସର୍ତ୍ତ ଆହାଃ..
ଛୁଇଁବାକୁ ଚାହେଁ ତୋଳିବାକୁ ନୁହେଁ କହି ମୁଁ ଦେଇଛି ଖୋଲି
ଯେତେ ବୁଝେଇଲେ କଇଁ ମାନେନା ମୁଁ ପାଗଳ ଭଅଁର ବୋଲି ।

ଅଳି କରୁଥାଏ ଚାନ୍ଦ ଭଳି ଉଇଁ ଦୂରେ ଦୂରେ ଥାଅ ରହି
ବରଫ ସତେ କି ତରଳି ସେ ଯିବ ମୋ'ରି ପରଶ ପାଇ ।

**ସମ୍ବଲପୁର**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତି

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପ୍ରଥମ ପ୍ରେମ

**ଡ଼. ଆଲୋକ କୁମାର ରାୟ**

ସେଦିନ ଆକାଶରେ ଦ୍ୱିତୀୟା ଜହ୍ନ
ଝାପ୍ସା ଆଲୁଅରେ ଭିଜିଥିଲା ମନ.....।୧।

ତୁମେ ଆଗପରି ନଥିଲ ଅପହଞ୍ଚ
ପିଆସି ମନରେ ଅକଳ୍ପ ରୋମାଞ୍ଚ.....।୨।

ଉତୁରା ଭାବରେ ମୋର ପହଁରା
ତୁମପାଇଁ ରଚିଥିଲା ପ୍ରୀତିର ପସରା....।୩।

ଉଷୁମ ନିଶ୍ୱାସର ତୀବ୍ର ପ୍ରତିଯୋଗିତା
ଆମକୁ ଦେଉଥିଲା ସମ୍ମୋହନ ବାରତା....।.୪।

ରାତିର କବରୀରେ ପ୍ରେମ ଫୁଲ ଖୋସି
ଅସହିଁଷ୍ଣୁ ସମୟ ଯାଉଥିଲା ରୁଷି..... ।.୫।

ପ୍ରଥମ ପ୍ରେମର କମନୀୟ ସ୍ୱାକ୍ଷର
ଚାଟଶାଳୀରେ ଲେଖା ପ୍ରଥମ ଅକ୍ଷର..... ।୬।

ଆକାଶ ଅଗଣାରେ ତାରାଙ୍କ ରୋଷଣୀ
ପବନ ଗାଉଥିଲା ଆମରି କାହାଣୀ.... ।.୭ ।

ତୁମ-ମୋ ମଧ୍ୟେ ନଥିଲା ଦୂରତା
ପ୍ରଥମ ପ୍ରେମ ଏବେ ହୃଦୟେ ସାଇତା.... ।୮।

-------------------------------------------

**ବାଙ୍ଗାଲୋର । ମୋ: ୯୪୩୭୦୬୮୦୦୩ ।**



ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# " ପ୍ରେମ ଓ ବିରହ" କୁ ନେଇ କବି ଭବାନୀ ଚରଣ ମିଶ୍ର ଙ୍କ ଦୁଇଟି କବିତା :



## ମୁଁ ତୁମକୁ ଭଲପାଏ..

ହୃଦୟରୁ ଭଲ ପାଉଥିଲି ବୋଲି
ନିଆଁ ମୁଠେ ଥୋଇ ଗଲ..।
ସେଇ ନିଆଁ ତଳେ ଜଳି ମୁଁ ତଥାପି
ତୁମକୁ ପାଉଛି ଭଲ..।।

କାଲି ଜହ୍ନ ସାଥେ ଆସି କେବେ
ତୁମେ ଅନ୍ଧାର ରେ ଲୁଚି ଗଲ..।
ସାରା ଅନ୍ଧାର ମୋ ଲୁହରେ ଭିଜିଲା
ଛାତି ଚିରି ଯେବେ ଗଲ..।।

ଏ ଆଖି ଧାରା ଶ୍ରାବଣ ଝରେଇ
ଫଗୁଣ ରେ ପାଦ ଦେଲ..।
ତଥାପି ନିଦାଘ ସପନେ ପଚାର
କେମିତି ଅଛ ଗୋ..ଭଲ..??

ମୋ ଆଖି ଲୁହର ଚହଲା ନଈରେ
ପାଦ ତୁମେ ଧୋଉଥିଲ..।
ହୃଦୟର ତୁଠ ପଥରରେ ଘସି
ଅଳତା ଛଡେଇ ଗଲ..।।

ଅଭିଶପ୍ତ ଏକ ଜୀବନ କୁ ଜୀଇଁ
ହେଉଛି ମୁଁ କଲ ବଲ..।
ବିରହ ନରକ ନଈରେ ଯା' ଦୁଃଖ
ମରଣ ତ ତହୁଁ ଭଲ..।।

ଯନ୍ତ୍ରଣା ଜୁଇ ରେ ଜଳୁଛି ଜୀବନ
ଜନମ ଜାତକେ ଭୁଲ..।
ନୋହିଲେ ତୁମକୁ କାହିଁକି ମୋ ପ୍ରିୟା
ପାଇଥାନ୍ତି ଏତେ ଭଲ..??

ନରକରୁ ନିତି ଝୁରିହୁଏ ତୁମେ
ସରଗରେ ରହିଗଲ..।
ତଥାପି ତ ମୋର ପାଉଁଶ ତଳୁ ମୁଁ
ଆଜି ବି ପାଉଛି ଭଲ...।।
ହଁ..ମୁଁ..ତୁମକୁ ପାଉଛି ଭଲ...।।।।

-----------------------

## ହା..ଏ..

ଏଇ ଆଖି ତଳେ ଅକାଳେ ସକାଳେ
ଝରେ ନାହିଁ ଆଉ ଲୁହ..।
ତୁମ ଲୁହେ ଓଦା , ଛାତି ବି ଶୁଖିଲା
ସେଠି ବି ତ ନାହିଁ କୋହ..।।

ତୁମେ ଯେବେ ମୋତେ କହିଦେଇ ଗଲ
ମୁଁ ତୁମର କେହି ନୁହଁ..!
କବର ଭିତରେ କିଏ ବା ପଚାରେ
କାହିଁ ଶୁଖେଇଛି ମୁହଁ..??

ତୁମ ପ୍ରତୀକ୍ଷା ମୁଁ ସାରିଦେବି ସତେ
ଏଇ ଜନ୍ମେ ଯୋଗ ନାହିଁ..।
ତୁମେ ବି ବୁଝନା ହୃଦୟ ମାନେନା
କାହାକୁ କହିବି ଯାଇ..??

ତୁମେ ଏଇ ଲାଗେ ଆସିବ କହିଲେ
ବିଶ୍ୱାସ ତାହାର ନାହିଁ..।
କୋଳ କରି ମୋତେ କାହିଁ କାନ୍ଦୁଛ ଯେ
କାନ୍ଦି ଆଉ ଲାଭ ନାହିଁ..।।

ହୃଦୟଟା ପରା ତୁମ ପାଇଁ ଆଉ
ଟିକିଏ ଜୀଇଁଲା ନାହିଁ..।
ଏଇ...ଦୁଃଖ ଏତେ କର କାହିଁ..??
ଜନ୍ମ- ଜନ୍ମାନ୍ତର ମୁଁ ପ୍ରତୀକ୍ଷା କରିଥିବି ତୁମ ପାଇଁ..।।

-------------------------------

ମୋହନା,ଗଜପତି ,ଓଡିଶା।

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତି

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ତୁମେ

ଶ୍ରୀ ଡମ୍ବରୁଧର ବାଗ

ପ୍ରକୃତିର କେଉଁ ଉପାଦାନରେ
ହୋଇଅଛ ତୁମେ ଗଢ଼ା ।

ଯେତେ ବି ସୁନ୍ଦରୀ ଏଇ ଦୁନିଆର
ଭଲ ନୁହଁ ତୁମ ଛଡ଼ା ।

ଫୁଲଠୁ କୋମଳ ଜହ୍ନଠୁ ରୁଚିର
ସୂର୍ଯ୍ୟ ଠୁ ବି ତେଜୋଦୀପ୍ତ ।

ଆକାଶ ଭଳି ତୁ ଚିର ନିର୍ମଳ
ଗଙ୍ଗା ଠାରୁ ବି ପବିତ୍ର ।

ବିହଙ୍ଗମ ସମ ନୀରିହ ନିଷ୍ପାପ
ଭୂମି ଠାରୁ ଧୈର୍ଯ୍ୟଶୀଳା ।

ନିର୍ଝର ସମ ତୁ ଚିର ସୁଶୀତଳ
ପାଦପ ଠୁ ଦାନଶୀଳା ।

ରତ୍ନାକର ସମ ରତ୍ନ ଗର୍ଭା ତୁମେ
ତୁମେ ପରା ଗିରି ସମ।

ନୀର ସମ ତୁମ ନିମ୍ନ ବଦନ ଯେ
ସମ୍ଭାଷ କୋକିଳ ସମ।

ସେଇଥି ପାଇଁ ତ ତୁମେ ମୋ ଆରମ୍ଭ
ତୁମେ ହିଁ ତ ଶେଷ ମୋର ।

କେମିତି ଭୁଲିବି ମନରୁ ତୁମକୁ
କୁହ ଥରେ ପ୍ରିୟା ମୋର ।

ତୁମ ଛଡ଼ା ଆଉ ମୋ ହୃଦୟରେ
ଦେଇନି କାହାକୁ ସ୍ଥାନ ।

ଯେବେଠୁ ଦେଖିଲି ପ୍ରଥମେ ତୁମକୁ
ସେଦିନୁ ନେଇଛ ମନ ।

**ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି/**
**ଦୂରଭାଷ- ୮୬୩୭୨୧୨୩୦୧**



ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପ୍ରଥମ ପ୍ରେମର ପ୍ରଥମ ଗୀତି

ରମେଶ ଚନ୍ଦ୍ର ପସାଏତ୍

ପ୍ରଥମ ପ୍ରେମର ପ୍ରଥମ ଗୀତି
ତନୁ ଶିହରେ  ପୁଲକେ ଛାତି
ହଜିଯାଏ ନିଦ ରାତିକୁ ରାତି
ପ୍ରୀତି ନୁହେଁ ସେ ଅଭୁଲା ସ୍ମୃତି  ।
**ପ୍ରଥମ ପ୍ରେମର..... । ୧।**

ପ୍ରଚଣ୍ଡ ନିଦାଘ ଶୀତଳ ଶାନ୍ତି
ଶୀତ ନିଶିଥ ଉଷୁମ ତାତି
ଝରା ଶ୍ରାବଣରେ ଆହା କି ତୃପ୍ତି
ଦେହ ତ ଭିଜେ ମନ ସେମିତି  ।
**ପ୍ରଥମ ପ୍ରେମର......। ୨।**

ତା କଥା ସୁମରି ଲାଜେଇ ହସେ
ମୀନନୟନେ  ମୋ ମନ  ଫଶେ
ଆନନ୍ଦ-ଲହରୀ ପରାଣେ  ତୃପ୍ତି
ତା ମଧୁ କଥା ଶୁଣେ ମୁଁ ନିତି  ।
**ପ୍ରଥମ ପ୍ରେମର.......। ୩।**

ଗୋଲାପ ତୋଳିଲେ କଣ୍ଟା ଫୁଟଇ
ସେ ରକତେ ମୁଁ ଚିଠି ଲେଖଇ
ମନାସିଛି ପୂଜା ମାଁ କାଳୀ କତି
ସେ ରସବତୀ ହେଉ ମୋ ପ୍ରାପ୍ତି ।
**ପ୍ରଥମ ପ୍ରେମର.... । ୪।**

ସପନ ଦେଖିଛି ଥରକୁ ଥର
ସେ ମୋ କନିଆଁ ମୁଁ ତା ବର
ମନ ଉପବନେ କୁସୁମ  କାନ୍ତି
ମୁଁ ରସ ଚୋର ପରଜାପତି  ।
**ପ୍ରଥମ ପ୍ରେମର.....। ୫।**

ମୋ ପ୍ରିୟା ଜାଣେନା ଛନ୍ଦ ହୁନ୍ଦର
ତା ହାବ ଭାବ ଭାରି  ସୁନ୍ଦର
କେହି ନାହିଁ ତାଠୁ ସୁନ୍ଦରୀ ଅତି
ନା କେ କହିଲେ ଲାଗେ ବିରକ୍ତି ।
**ପ୍ରଥମ ପ୍ରେମର... । ୬।**

ସେ ମୋ ଧର୍ମ ପତ୍ନୀ ସାକ୍ଷୀ ଯଜ୍ଞାଗ୍ନି
ନୁହେଁ ସେ ବଡ  ଅଭିମାନିନୀ
ମୁହଁ ଫୁଲାଇଲେ କୌତୁକ ଅତି
କହେ ସହାସ୍ୟ ମଞ୍ଜୁ ଭାରତୀ ।
**ପ୍ରଥମ ପ୍ରେମର....। ୭।**

ସୌମ୍ୟ ନୟନଟି ତା ଇନ୍ଦ୍ରଧନୁ
ସରଗ ପରୀ ନ ଯାଏ ମନୁ
ତା ତନୁ ବଲ୍ଲରୀ ଅତୁଳ ଦ୍ୟୁତି
ଜନ୍ମେ ଜନ୍ମେ ମୁଁ  ହୁଏଁ ତା ପତି ।
**ପ୍ରଥମ ପ୍ରେମର......। ୮।**

ପ୍ରଥମ ପ୍ରେମର ଦିବ୍ୟ ଆନନ୍ଦ
କହି ପାରେନା କୌଣସି ଶବ୍ଦ
ପ୍ରଥମ ପ୍ରେମର ପ୍ରଥମ ଗୀତି
ପ୍ରୀତି ନୁହେଁ ସେ ଅଭୁଲା ସ୍ମୃତି ।
**ପ୍ରଥମ ପ୍ରେମର....।୯।**

**ନି, ଶରଧା**
**ସଂସ୍କୃତ ଶିକ୍ଷକ,ନଟବର ଉଚ୍ଚବିଦ୍ୟାଳୟ**
**କଣ୍ଟେଇକେଲା**
**ଫୋନ୍ ୯୭୭୭୩୯୪୫୫**


ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପ୍ରେମପକ୍ଷୀ

ପୁରୁଷୋତ୍ତମ ମିଶ୍ର



ବୟସର ଡେଣା ଝାଡିଦେଇ
ପ୍ରେମପକ୍ଷୀ ଉଡି ଉଡି ଯାଏ ,
ବିଚିତ୍ର ସେ ଶୁଆରଂଗୀ ପକ୍ଷୀ
ତମ ଓଠ ପରାଗକୁ ଛୁଏଁ।

ଆଦ୍ୟାଷାଢ ବର୍ଷୁକି ସକାଳ
ଭିଜାଏ ଗୋ ହଳଦୀ ବସନ ,
ହିମବନ୍ତ ନିତମ୍ବ କାକର
କଟିତଟେ କଳାଜାଇ ଚିହ୍ନ।

କୁଚାଗ୍ରରେ ମେଘ ଆଡମ୍ବର
ନିଆଁ ଜଳେ ନାଭିର ଡଆଁରେ ,
ଜାନୁଦୁଇ କାମନାର ଘର
ଫୁଲ ଫୁଟେ ଆଖି ଉଦ୍ୟାନରେ।

ଓଦାକେଶ ରସ ରସ ବାସେ
ପାଦ ତଳେ ପରାଣ ବିଧୁର ,
ମଧୁପାନେ ମଦମତ୍ତ ପକ୍ଷୀ
ପ୍ରେମଶରେ ମରେ ବାରବାର ।

**ବରିଷ୍ଠ ଅଧ୍ୟାପକ ,ଓଡିଆ ବିଭାଗ**
**ସୁବର୍ଣ୍ଣପୁର / ମୋ: ୮୮୯୫୮୦୮୦୫୦**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପ୍ରଥମ ପ୍ରେମ...ପ୍ରେମ ନୁହେଁ ସେ..



ପ୍ରତିଭା ପରିଜା

ସାଇତା ରହିଛି ସାତ ସିନ୍ଦୁକ ରେ
ଅଭୁଲା ପ୍ରଥମ ପ୍ରୀତି
ପ୍ରୀତି ନୁହେଁ ସେ ତ କିଶୋର ମନ ର
ଅପୂର୍ବ ପ୍ରଣୟ ଗୀତି ।।

ତମେ ବି ଜାଣନା , ମୁଁ ବି ଜାଣେନା
ପ୍ରଥମ ପ୍ରେମର ବିରହ ଯାତନା
କେବେ ଆମେ ଦିନେ ଭୋଗି ଥିଲେ ,
ଆମ ଅଜାଣତେ କେଉଁ ମୁହୂର୍ତ୍ତ ରେ
ପ୍ରେମିକ ପ୍ରେମିକା ସାଜିଥିଲେ ।।

ଆଜି ପରି ସେବେ ନିଦାଘ ବି ଥିଲା
ଶ୍ରାବଣ ବି ଥିଲା ,ଥିଲା ବି ତ ଶୀତ ରାତି ।,
କାଇଁ ଦିନେ ବି ତ ବାଣ୍ଟି ତ ନ ଥିଲେ
ଆମ ପ୍ରୀତି ଅନୁଭୂତି ।।

କାହାକୁ ବି କେହି ଜଣେଇ ନ ଥିଲେ
ଭଲ ପାଉଥିଲେ ବୋଲି ,
ଆଖିରେ ଆଖିରେ ହୃଦୟ ଭିତରେ
ରହୁଥିଲା ସବୁ ଝୁଲି ।।

କେତେ ଯେ କେଜାଣି
ସେଦିନୁ ଗଲାଣି
ଋତୁ ପରେ ଋତୁ ଆସେ ,
ସେଇଦିନ ପରି ଆଜି ବି ତୁମରି
ସରଳ ମୁହଁ ଟି
ହୃଦୟ ରେ ମୋର ଭାସେ ।।

ନ ଦେଖିଲେ ଦିନେ
କେହି ବି କାହାକୁ
ଖୋଜି ହେଉଥିଲେ କେତେ ବାହାନା ,
ଆଜି ଆମେ ଦୁହେଁ
କାହାରି କେ ' ନୁହେଁ
ଦୁହିଁଙ୍କ ପାଖ ରେ ଦୁହେଁ ଅଚିହ୍ନା ।।

ମୁଁ ଜାଣେ ନାହିଁ , ତୁମେ ଜାଣି ନାହଁ
ଆମେ ଅଛେ କିଏ, କେଉଁଠାରେ
ତଥାପି କାହିଁକି ମନେ ପଡେ ସବୁ
ସେଇ ଅତୀତ କୁ ମନ ଝୁରେ ।।

ଯେବେ ମନେ ପଡେ
ଭାରି ମନେ ପଡ଼
ମନ ର ଦରଜା ଖୋଲି ,
କାହିଁ କେଉଁ କାଳୁ ସାଇତା ସେବେଠୁ
ସ୍ମୃତି ହୋଇ ତୁମେ ରହିଛ ଖାଲି ।।

ଅଭୁଲା ସେ ସ୍ମୃତି,
ପ୍ରଣୟ ର ଗୀତ
ଯା ' କୁ ପ୍ରଥମ ମଳୟ ଛୁଇଁ ଥିଲା ,
ହାତ ରେ ପାଇବା ଆଗ ରୁ ତ ସିଏ
ଚାହୁଁ ଚାହୁଁ କାହିଁ ହଜି ଗଲା ।।

ଜାଣେନା ତମର ଏବେ ବି ମନ ରେ
ମୋ ପାଇଁ ଜାଗା ଟେ
ଅଛି କି ନାହିଁ ....
ମୁଁ କିନ୍ତୁ ମୋର ପ୍ରଥମ ସପନ
ପ୍ରଥମ ପ୍ରେମ କୁ
କେବେ ବି ଭୁଲିବି ନାହିଁ ....।।।।

।। ସିଡିଏ, କଟକ ,

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ସବୁଠୁ ସୁନ୍ଦର ଋତୁର ମାୟା

ପ୍ରବାସିନୀ ହୋତା



ତୁମେ ବି
ଭୋଗିଛ କି କେବେ...
ସବୁଠୁ ସୁନ୍ଦର ଋତୁର ମାୟା ??

କହିବି କହିବି ହେଉଥିବ ତୁମ ଓଠ
ଅଥଚ କହିପାରୁ ନଥିବ ।
ଗୋଟେ ମିଠା ଯନ୍ତ୍ରଣା ଦେଇ
ଛାତିରେ ଅଟକି ଯାଉଥିବ...
ତା ପାଇଁ ଅଜାଡ଼ି ହୋଇଯାଉଥିବା
ଅଣାୟତ୍ତ ମୋହ ,
ମନରେ ଚହଟେଇ ଦେଇ
ପେଛା ପେଛା ସଜ କୁରେଇ ଫୁଲର ବାସ୍ନା ।

ତୁମେ ଡବଡବ ଆଖିରେ ଚାହୁଁଥିବ
କହିବାକୁ ଆଗଭର ହେଲା ମାତ୍ରକେ
ହାତ ଗୋଡ଼ ଅସାଡ଼ ହୋଇପଡୁଥିବ ଭୟରେ
ମାଘ-ରାତିରେ ବି ତାକୁ ଦେଖିଦେଲେ
ଦେହରେ ଫୁଟିଯିବ ଗମ୍ ଗମ୍ ଝାଳର ଶ୍ରାବଣ
ଅଥଚ, ଥମିବାର ନାଁ ନେଉନଥିବ
ତୁମ ଚାହାଣୀରୁ ତା ପାଇଁ
ପୁନେଇଁ ରାତିର ଜ୍ୟୋତ୍ସ୍ନା ଭଳି
ଝିରିଝିରି ଝରିପଡୁଥିବା
ଅସରନ୍ତି ଆତ୍ମୀୟତାର
ଚେନାଏ ଶୀତଳ ବିଚ୍ଛୁରଣ ।

ସେ ଝୁଣ୍ଟି ପଡୁଥିଲେ
ତୁମେ ଚମକି ଉଠୁଥିବ,
ଦଣ୍ଡେ ନ ଦେଖିଲେ
ବ୍ୟସ୍ତବିବ୍ରତ ଆଖି ତୁମର
ତାକୁ ଇ ଖୋଜୁଥିବ ଚାରିଆଡ଼େ ।
କଳ୍ପନାର ନନ୍ଦନକାନନରେ
ତୁମେ ବାହାରିଯିବ ପ୍ରେମର ପାରିଧିରେ,
ଅଥଚ, ଆଖିରେ ଆଖି ମିଶିଗଲେ
ଧଡ-ଧଡେଇ ଯାଉଥିବ ଛାତି,
ଖୋଦ୍ ହରିଣୀଟିଏ ପରି ।

ସେ ଆଖେପାଖେ ଥିଲେ
ଚାରିଆଡ଼େ ଗହଗହ ମହମହ
ପାର୍ବଣର ଋତୁ ।
ଆଉ ସେ ନ ଥିଲେ...
ବିଚ୍ ବଜାରର କୋଳାହଳରେ ବି
ଗୋଡାଉଥିବ ଖାଁ ଖାଁ ନିରବତାର ପ୍ରେତାତ୍ମା !!

**ଭଟଲି ଛକ, ବରଗଡ଼**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# "ପ୍ରେମ ଓ ବିରହ" କୁ ନେଇ ନାରୀ କବି ଜୟଶ୍ରୀ ପଟ୍ଟନାୟକ ଙ୍କ ଦୁଇଟି କବିତା



## କେତେ ପାହାଚ ଚଢ଼ିଛି ଜାଣେନା..

କେତେ ପାହାଚ ଚଢ଼ିଛି ତୁମ ହାତ ଧରି ତାହା ଜାଣେନା
ଚଢୁଚି ତ ଚଢୁଚି , ..
ତଳେ ବିରାଟ ଖାଇ ଉପରେ ଅଦୃଶ୍ୟ ଭରସା
ମଝିରେ ତ୍ରିଶଙ୍କୁ ପରି ଝୁଲୁଚି -
ପବନ ଦେହରେ ବର୍ଷା ଟୋପା ପରି
କେଉଁ ଅପରିଚିତ ଇଲାକାରୁ କଟି ଯାଇଥିବା ଗୁଡି
ତୁମ ସୂତାରେ ଲାଖିଗଲା ପରି ।

ଯେବେ ହାତ ଧରିଥିବ ଉଡୁଥିବି ଅନ୍ତରୀକ୍ଷରେ
ସୁଖମୟ ଉଡାଣ, ପରଖିବି ସବୁଜ ପୃଥିବୀ,
ପାଇବି ଶୀତଳ ଜହ୍ନର ଛାଇ
ପଳାଶ ରଙ୍ଗର ଓଠରେ ଭରି ସ୍ମିତ ହସର ଲହରୀ ।

ଯେବେ ଛାଡ଼ିଦେବ ହାତ ପଡିଯିବି ଅଥଳ ଜଳ ଭଉଁରୀରେ
ଭାବିବି ସେଦିନ , ତୁମକୁ ଭଲପାଇ ବଡ ଭୁଲ କଲି
ନିସର୍ତ୍ତ ସମର୍ପଣ କରି -..
ଅପବାଦର କଣ୍ଟା ରେ କ୍ଷତାକ୍ତ ହେଲି
ଡହ ଡହ ତାତିଲା ବାଲିରେ ଫୁଲ ରାସ୍ତା ବୋଲି ଚାଲୁଥିଲି
ପ୍ରତୀକ୍ଷା ର ପ୍ରତି ମୁହୂର୍ତ୍ତରେ ଛଳନା ର ରଙ୍ଗ ବୋଳିଦେଲି
ଟୋପା ଟୋପା ଲୁହ ଆଉ ଲହୁର ସ୍ବାକ୍ଷରରେ
ପ୍ରେମର ଭାଗ୍ୟକୁ ଲେଖିଦେଲି ।

ଯେଦିନରୁ ତୁମ ଚାହାଣି ମୋର କିଣିନେଲା ହୃଦୟ
ସେଦିନରୁ ନିଜକୁ ବୁଝାଇ ନିଜ ପାଖେ ହାରିଗଲି
ବିରହର ପୃଷ୍ଠାରେ ତମ ନାମକୁ ଲେଖିଦେଲି
ତମ ଦିଆ ଯନ୍ତ୍ରଣା କୁ ସାଦରେ ଗ୍ରହଣ କଲି
ଖାସ ତମକୁ ଭଲ ପାଇଲି ବୋଲି ।

## ଅମୃତ ଉଚ୍ଛ୍ୱାସ

କେତେ କଥା ଲେଖଥାଏ ତୁମ ଆଖିର ଭାଷାରେ
କେବେ ମନକୁ ଛନ୍ଦିଦିଏ କେଉଁ ଅଜଣା ମାୟାରେ
କେବେ ଲୁହ ଭିଜା ନୟନରେ ଲେଖୁଥାଏ ଆତ୍ମଲିପି
ଭସାବାଦଲ ପରି ଉଡେଇନିଏ କେଉଁ ଅଜଣା ରାଇଜେ
ଯେଉଁଠି ଭାବର ହେଉଥାଏ ଆଦାନ ପ୍ରଦାନ ।

ପ୍ରିତିର ପରାଗ ଉଡେଇ ଛୁଇଁଯାଏ ଫଗୁଣ
ହୃଦ ସହ ଭେଟ ହୁଏ ହୃଦ ର,ଓଠ ପିଇଯାଏ ମଦିରା
ପୁଳାଏ ଆତ୍ମିକ ଶବ୍ଦରେ ଗଢ଼ା ହୁଏ
ଲବଙ୍ଗ ଦ୍ୱୀପରେ ନଅର
ତୁମ ମନ ଛୁଇଁ ମୋ ମନରେ ରଚି ଦିଏ
କାହାଣୀର କଳ୍ପ ବଟ ।

ତୁମ ଆଖିର ନୀଳ ମାୟାରେ ଗୋଟାପଣେ ହଜିଥାଏ ମନ
ଶାନ୍ତିର ଗୀତ ଗାଉଥାଏ ଅଧର,
ନିଶ୍ୱାସ ରେ ବନ୍ଧାଥାଏ ଅମୃତ ଉଚ୍ଛ୍ୱାସ
ଓଠର ନୀଳ ବିଷକୁ ପିଇ ଦେଉଥାଅ ମଧୁର ଆଶ୍ଳେଷ ।

ନଈ ସେପାରିରେ ଆସୁଥାଅ ସୌଦାଗର ଟେ ପରି
କରିବାକୁ ମୂଲଚାଲ ଚୁଡି,ଶଙ୍ଖା, ସିନ୍ଦୂର, ମନ ଓ ହୃଦୟ
ନଇଁ ଏ ପାରିରେ ସଜାଡୁଥାଏ ରାଜଜେମା ପରି
ମୋର କାହାଣୀ ପେଟରା
ଯେବେ ଭେଟ ହୁଏ ତୁମ ଆଖି ସହ ମୋ ଆଖି କେଉଁ
ଅମୃତ ଲଗ୍ନରେ ମନ ହଜି ଯାଏ ଅମୃତ ଅନୁଭବରେ
ତୁମ ମନ ଆଉ ମୋ ମନ ଗଣ୍ଠି ପଡିଥାଏ ,
କେଉଁ ମିଳନ ଋତୁରେ ..

---

। ଭୁବନେଶ୍ୱର ।

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଅଭୁଲା ଗୀତିର ସ୍ମୃତି

ସୁପ୍ରଭା ସାମଲ

ପ୍ରଥମ ପ୍ରେମର ପ୍ରଥମ ଗୀତି ସେ
ଆଜି ବି ଭୁଲିନି ତାକୁ,
ସେଇ ପଛ ଦିନ ମିଠା ସ୍ମୃତି ସବୁ
ଭାରି ମନେ ପଡେ, ଭଲ ଲାଗେ ଭାବିବାକୁ. ।

ଆଦ୍ୟ ଆଷାଢ଼ ର ପହିଲି ମେଘରେ ସାଥି ହୋଇ ଆମେ
କେତେ ଯେ ଭିଜିଛେ ଭୁଲି ହୁଏ ନାହିଁ ଜମା,
କେତେ ଯେ ଗପର ଅସରା କାହାଣୀ
ତମ, ମୋ ଭିତରେ ନ ଥାଏ ସେଥିରେ ପୂର୍ଣ୍ଣଚ୍ଛେଦ କି କମା ।

ଗୀତିମୟତା ର ଗୋଧୂଳି ଲଗନେ
ମନ ଆକାଶ ରେ ତମ ସ୍ମୃତି ଭାସି ଆସେ,
ଗଙ୍ଗଶିଉଳି ର ମଧୁର ମହକେ
ମୋରି ଗାଁ ର ଶୀତ ସଞ୍ଜ ଟା ଭାରି ମିଠା ମିଠା ବାସେ.।

ଆଦ୍ୟ ତାରୁଣ୍ୟର ସେଇ ମିଠା ସ୍ମୃତି
ମନେ ପଡେ ଯେବେ ଆନମନା ହୁଏ ମନ,
ସେଇଥିପାଇଁ ତ ସରସୀ ନୀରରେ
ନୀଳ କଇଁ ମୁଁ ଯେ ତମେ ଆକାଶ ରେ ରୂପା ଜହ୍ନ.।

ଆଜିବି ଏ ମନେ ସାଇତା ହୋଇଛି
ତମ ପାଇଁ କେତେ ପ୍ରୀତିର ଆଲୋଡନ
ମୋରି ପ୍ରେମର ପୁଣ୍ୟତମ ସାଜି
ସ୍ମୃତି ରେ ତମେ ରହିଥାଅ ସଦା ହୋଇ ଚିର ଦୀପ୍ତିମାନ. ।

**ମାହାଙ୍ଗା, କଟକ**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# - ମୋ ପ୍ରଥମ ପ୍ରେମ ଚିଠି -

ସୁଧିରାଜ ରାଉତ



ତୁ ଗଲାପରେ
ଖୁବ୍ ବର୍ଷା ହେଲା
ବର୍ଷା ହେଲା ଆକାଶରୁ, ଆଖିରୁ ।

ତୋ ଆକାଶ, ଆଖିରେ ... ?
ହଁ ସତ କହନ୍ତି ସାଧୁଜନେ
ଦୁଃଖ ଭିତରେ ସୁଖ ଅଛି
ଲୁହ ଭିତରେ ଖୁସି, ଆନନ୍ଦ ଲୁଚିଛି ...।

ଏଠି ର ଖବର !! ?

ଏଠି
ପୂର୍ବଭଳି ସକାଳୁ
ମନ୍ଦିରରେ ମାଇକ୍ ବାଜୁଛି
ପୂର୍ବଭଳି ପିଲାଏ
ବହି ଧରି ସ୍କୁଲ୍ ଯାଉଛନ୍ତି
ପୂର୍ବଭଳି ସଂଧ୍ୟାରେ
ତୁମ ଘର ଆଗ ଗଛରେ
ପକ୍ଷୀଏ ମିଟିଙ୍ଗ୍ କରୁଛନ୍ତି ।

ମୋ କଥା !! ?
ତୁ ଗଲା ପରେ
ମନ ଲାଗୁନି ପାଠରେ
ମନ ଲାଗୁନି ଖେଳରେ ...
ଯେଉଁ ଛକରେ
ପ୍ରଥମେ ଦେଖି ହସିଥିଲୁ
ବଡ଼ ହେଲେ, ଚାକିରୀ କଲେ
ସେଇଠି ଗୋଟେ
ରାଧାକୃଷ୍ଣ ମନ୍ଦିର କରିବି ।

ହଁ ଆଜି
ଖାଉ ଖାଉ ଟିକେ ଲାଗିଲା
ବୋଉ କହିଲା
ତୋତେ କିଏ ମନ ପକାଉଛି ।
ଏତେ ବଡ଼ ପୃଥିବୀରେ
ଏତେ ଚିହ୍ନା ମୁହଁ ଙ୍କ ଭିତରେ
ତୋ ମୁହଁ ହିଁ ଦିଶିଲା ... ।

ତୁ କଣ ମନ ପକାଉଥିଲୁ ?

ତୁ ଗଲା ପରେ
ଏବେ ଏବେ ମୋତେ
ମୋ ଠାରୁ
ପୋଷ୍ଟ ପିଅନ
ଅଧିକ ନିଜର ଲାଗୁଛି ...
ତୋ ଜିବା ଆସିବା ରାସ୍ତାରେ
ଚକର୍ର କାଟିବା ପରି
ଏବେ
ପୋଷ୍ଟ ଅଫିସ୍ ଆଗେ ଚକର୍ର କାଟୁଛି ।

ଶିଘ୍ର ଚିଠି ଦେବୁ ।

------------------------

ଖାତିଗୁଡା,ନବରଙ୍ଗପୁର ,ଓଡିଶା

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ସେଦିନ ...



ରଶ୍ମିତା ଦୀକ୍ଷିତ



ଚମକ ଚାନ୍ଦିନୀ ର ଚାହାଣୀରେ
ତୁମେ ଯେଉଁଦିନ
ପ୍ରଥମେ ଚାହିଁଥିଲ ମତେ
ସେଦିନ ମୁଁ ବହିଯାଇଥିଲି,
ନୂଆ ଧାନ କ୍ଷେତ କଡ଼ ଦେଇ
ବହିଯାଉଥିବା ପାଣିର
ସରୁ ଅଳସେଇ ଧାର ପରି ।

ଶ୍ରାବଣ ର ଝଙ୍କାରରେ
ବୀଣା ର ତାନ ତୋଳି
ତୁମେ ଯେଉଁ ଦିନ ପ୍ରଥମେ
ମୋ କାନରେ ଭଲପାଇବାର
କଥା କହିଥିଲ,
ସେଦିନ ମୁଁ ଶିହରି ଯାଇଥିଲି-
ମଳୟ ର ହିଲଲଳ ରେ
ଦୋଳି ଖେଳୁଥିବା ଆମ୍ରପତ୍ର ପରି
ଉଡିଯାଇଥିଲି -
ଦୁଷ୍ଟ ବାଆ ସାଥେ ଉଡିଯାଉଥିବା
ଲଜ୍ଜାବନତ ତରୁଣୀ ର
ପଣତ କାନି ପରି।

ଶୀତ ରାତିର ଉଷ୍ମତା ଭରା
କମ୍ପନ ନେଇ ତୁମେ ଯେଉଁଦିନ
ପ୍ରଥମେ ସ୍ପର୍ଶ କରିଥିଲ
ମୁଁ ତରଳି ଗଲି
ମେଞ୍ଚାଏ ମହମ ର ଗଦା ପରି
ମିଳେଇଗଲି -
ଜୁଆର ଆଘାତରେ
ସମୁଦ୍ର କୁଳର ବାଲିଦୁର୍ଗ ପରି ।

କଟକ

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପଟିଏ ପାଉଁଜି

କସ୍ତୁରୀ ଚରଣ ରାଉତ



ବିମଳ ପ୍ରେମର ପ୍ରଥମ ସ୍ମାରକୀ
ପଟିଏ ପାଉଁଜି ତା'ର
ସାଇତି ରଖିଛି ହୃଦୟ ଭିତରେ
ସସ୍ନେହ ପ୍ରୀତି ସମ୍ଭାର ।


ଚପଳ ଛନ୍ଦାର ମଧୁର ନିନାଦ
ହୋଇଯାଏ ଯେବେ ତାଜା
ସ୍ମୃତିର ଉଷୁମ ଅନୁଭବ ତା'ର
ଦେଉଥାଏ ମୋତେ ସଜା ।

ମନ ଗହନର ସପନ ରାଇଜେ
ଆସେ ଯେବେ ପଦ ଚାଳି
ମୋ ଦୁଇ ନୟନ ଦୁଇ ଧାର ଲୁହ
ଅଜାଣତେ ଦିଏ ଢାଳି ।

କଟାଛଟା ମନ ଗହନର ଖାତା
ଲୁଟି ନିଏ ମୋର ଖୁସି
ଜହ୍ନ ବଦଳରେ ଜହ୍ନର ଛାଇଟା
ଢାଳେ କି ଜୋଛନା ରାଶି ।

****

**ଶିକ୍ଷକ,ସତ୍ୟବାଦୀ ହାଇସ୍କୁଲ୍**
**ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର**
**ମୋ.୯୯୩୭୯୮୨୮୪୬**



ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଚିରସ୍ରୋତା ନଈ

ତ୍ରିଲୋଚନ ପଣ୍ଡା



ମନେ ନାହିଁ ମାସ ଦିନ ତିଥି ବାର,
ନ ଥିଲା ଉଆଁସ ମନରେ ଅଛି
ଚାନ୍ଦ ନ ଥାଇ ବି ପୁନେଇ ଜୋଛନା
ଜୀବନ ସ୍ମୃତିକୁ ସାଇତି ଅଛି ॥ ୧॥

ଏଇ ବୋଧେ ମୋତେ ଛୁଇଁଥିଲା ଆସି
ଷୋହଳ ପୂରିକି ସତର ନୂଆ
ତାକୁ ବି ସେମିତି ପନ୍ଦର କିମିଆ
ଦେହ ଲାଗୁଥିଲା ଚାନ୍ଦିନିଧୂଆ ॥ ୨ ॥

କେତେ ଥର ଭେଟ ନିତି ହେଉଥିଲୁ
ଖେଳ କଳି କଟି ମନରେ ଥିଲା
ହଠାତ୍ କାହିଁକି ସେଦିନ ମନରେ
ଚମକିଲା ଭାବ ମନ ଛୁଇଁଲା ॥୩ ॥

କେତେ ଭାବିଥିଲି ପଚାରିବି ତାକୁ
ବୟସ ବଢିଲେ କଅଣ ହୁଏ
ଖୋଲା ହସ ଖେଳ ଗାଲ କୁନ୍ଦାକୁନ୍ଦି
ମୁହଁ ମୋଡା ମୋଡି କୁଆଡେ ଯାଏ ॥ ୪ ॥

କାନ ଦିଇଟା ତା ମୋଡି ଦେଲା ପରେ
ସକ ସକ କାନ୍ଦ ମଜାଟା ଦିନେ
ବାସିଫୁଲ ପରି ମଉଳି ଲୋଟିବ
ଭାବି ନ ଥିଲି ମୁଁ କେବେ ସପନେ ॥ ୫ ॥

ଭାବିଥିଲି ତାକୁ ମନ କଥା କହି
ପଚାରି ବୁଝିବି ତା ମନ କଥା
କିଏ ଜାଣିଥିଲା ପ୍ରେମ ପ୍ରସଂଗଟା
ଭିତରେ ଖେଳାଏ ଭୟର ବାର୍ତ୍ତା ॥ ୬ ॥

ସେଇ ଯେ ସେଦିନ ମୁହଁ ଫେରାଫେରି
ଆଜି ମୁଁ ବାପା ସିଏ ବି ମା
ପ୍ରଥମ ପ୍ରେମର ଅକୁହା ସ୍ମୃତିର
ଦାଗ ଆଜି ଅଛି ସେମିତି ନୂଆ॥ ୭ ॥

କହିବା ପ୍ରସଂଗ ପ୍ରେମ ନୁହେଁ ବୋଲି
ଅନୁଭବ ବହି ଦେଉଛି କହି
ଚିରସ୍ରୋତା ନଈ ଜଳଧାରା ଗାଥା
କେହି ଆଜି ଯାଏ ପାରିନି କହି ॥ ୮ ॥

-----------------------------------

ଭୁବନେଶ୍ୱର
ଯୋଗାଯୋଗ ... ୯୪୩୯୧୯୭୫୬୦

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର


# ସ୍ମୃତି ର ଆଞ୍ଜୁଳି

ଅମ୍ବିକା ସ୍ୱାଇଁ



ସତ ସ୍ୱପ୍ନ ର ମିଛ ଦୁନିଆରେ ହଜାଇ ଦେଲି ମୁଁ ମୋ ସ୍ଥିତି
ଭାବି ଭାବି କେବେ ଦିନ ତ ସରୁନି ମନରୁ ଲିଭୁନି ସ୍ମୃତି,
ଆତ୍ମା ପଞ୍ଜୁରୀରେ ସାଇତି ରଖିଛି ଜାଣି କି ପାରୁନା କୁହ ?
ମନର ଆଘାତେ କି ଲାଭ ପାଇଲ ହୃଦ ରୁ ଉଠୁଛି କୋହ ।।

ଭଲ ପାଇବାକୁ ବୁଝି ଯେ ନ ପାରେ କି ଭଲ ପାଇବା ସିଏ
ତୁମ ଦୂରତ୍ୱ କୁ ସହି ମୁଁ ନ ପାରେ ହୃଦୟ ବିଦାରି ହୁଏ,
ତୁମେ ଗଢ ତୁମ ପ୍ରୀତିର ଘର ରଖ ନାହିଁ ମୋତେ ଅନ୍ଧାରେ
ମୁକ୍ତାକାଶ  ବିହଙ୍ଗ ହୋଇ ମୁଁ ଉଡି ଚାଲି ଯିବି ବହୁ ଦୂରେ ।।



ପଞ୍ଜୁରୀର ବନ୍ଧନରୁ ମୁକ୍ତ କଲି  ଉଡି ଯାଅ ମୁକ୍ତାକାଶେ
କେବେ ଯଦି ଫେରିବାକୁ ଇଚ୍ଛା କର ପଞ୍ଜୁରୀ ନଥିବ ପାଶେ,
ସ୍ମୃତି ର ଆଞ୍ଜୁଳି ଧରି ଚାଲି ଯିବି ପଥ ଯେ ଅନେକ ଦୂର
ଫେରିବିନି କେବେ ଆଉ ତୋଳିବାକୁ ତୁମ ହୃଦୟ ରେ ଘର ।।

ସ୍ମୃତି ର କବିତା ଲେଖୁ ଥିବି ସଦା ଗାଇ ଗାଇ ପ୍ରେମ ଗୀତି
ସ୍ୱପ୍ନ ରାଇଜରେ  ତୋଳୁ ଥିବି ଘର ତୁମକୁ ଝୁରି ମୁଁ ନିତି ।।

**ଭୁବନେଶ୍ୱର, ମୋ.: ୯୭୭୭୫୯୯୬୯୯୫**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପ୍ରଥମ ପ୍ରେମ



କନକ ଲତା ଦାଶ୍

ଚାରି ପଟେ ରଚି ବହ୍ନି ବଳୟ
ଅଗ୍ନିଶିଖା ପରି
ଖେଳି ବୁଲୁଥିଲି ନିଜ ଇଲାକା ରେ
ଫୁଲ ଫଗୁଣ ର ହୋରୀ
ନ ଥିଲା ତ ଡ଼ର ନ ଥିଲା ବି ଭୟ
ଥିଲା ଫଗୁଣ ର ଆଭା
ଶରତ ସଜାଡି ଦେଉଥିଲା ମନେ
କାଶ ତଣ୍ଡି ର ଶୋଭା ।

ଚାରିପଟେ ମୋର ଟାଣି ଦେଇଥିଲି
ଲକ୍ଷ୍ମଣ ତିନି ଗାର
ଛୁଇଁ ଦେଲେ କେହି ସେ ତିନି ଗାର କୁ
ପାଏ ଲାଞ୍ଛନା ଘୋର।

ଶତ ଲାଞ୍ଛନା ସତ୍ତ୍ୱେ ବି ଦିନେ
ସଧିରେ କେ ଆସି ଦିନେ
ଚୁପି କରି ମୋର କାନ ରେ କହିଲା
ଶୁଣ ସଖି ପ୍ରିୟତମେ ।
ଘୁରି ମୁଁ ଚାହିଁଲି କମ୍ପିତ ମନେ
କିଏ ସେହି ଦୁରାଚାର
ଲଘିଁ ପାରିଲା ବହ୍ନି ବଳୟ
ଲକ୍ଷ୍ମଣ ତିନି ଗାର !

ସ୍ତମ୍ଭୀଭୂତ ମୁଁ ଦେଖି ହେଲି ତାର ସମ୍ଭ୍ରମ ଶାଳିନତା
ତଥାପି ଉଡେଇ ଦେଲି ପବନ ରେ
ତାର ଦୁଇପଦ କଥା ।

ମୁଁ ଚାଲିଆସିଲି ମୋର ଚଲାପଥେ
ତୃପ୍ତ ପାଦ କୁ ଥାପି
ଲାଗୁଥିଲା କିନ୍ତୁ ପଥପ୍ରାନ୍ତ ରେ
ଏବେ ସେ ସେମିତି ଅଛି ।

ଉତ୍ତର ଆଶା ରେ ଉଜ୍ଜ୍ୱଳ ତା'ର
ଦୁଇ ଆଖି ନୀଳ ତାରା
ସହି ସେ ଚାଲିଛି ବସନ୍ତ, ବର୍ଷା
ନିଦାଘ ର ଟାଣ ଖରା ।

ସେ ସତେ କହୁଛି କହିଦିଅ ଥରେ
କହିଦିଅ ମନ ଖୋଲି
ମୁଁ ତ ଭଲ ପାଏ ତୁମକୁ ଗୋ
ତୁମେ ମତେ ଭଲ ପାଅ ବୋଲି ।
ବଡ଼ ଅବୁଝା ସେ ପ୍ରଶ୍ନ ତାହାର
ଉତ୍ତର ତାହା ଠୁଁ ବଳି
ମନ ତଳେ ଉଠେ ମଧୁ ଶିହ୍ରାର
ଏବେ ବି ସେ କଥା ଭାଳି।
ସେ ଏବେ କେଉଁଠି ମୁଁ ଏବେ କେଉଁଠି କଥା କିନ୍ତୁ
ମନେ ଅଛି
ମନ ର ନିଭୃତ ଅଗଣା ରେ ଖାଲି
ସେ ଏକ ସବୁଜ ସ୍ମୃତି।

ବେଳେ ବେଳେ ଭାବେ ସତ କି ସେ ଥିଲା ଅବା
ଥିଲା ମୋର ଭ୍ରମ
ଚୁପି କରି କିଏ ମନ ରୁ କହେ ମୋ
ସେ ଥିଲା ପ୍ରଥମ ପ୍ରେମ ॥

-----------------------------

କଟକ,ଓଡିଶା

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପହିଲି ଛୁଆଁ

ଧୀରେନ୍ଦ୍ର କୁମାର ପ୍ରଧାନ

ପହିଲି ପ୍ରେମର ପହିଲି ପରଶ
ଲେଖୁଛି ପ୍ରେମର ଗୀତି
ନବ ଯଉବନେ ନବ ଶିହରଣ
ଅଲିଭା ଅଭୁଲା ସ୍ମୃତି । ୧ ।

ଜହ୍ନ ଦେଖିବାକୁ ମନରେ ଭାବିଲି
ଜହ୍ନ ଦେଲା ହାତ ଠାରି,
କହିଲା ରାତିରେ ଛାତକୁ ଆସିଲେ
କଥା ହେବା ମନଭରି । ୨ ।

ପ୍ରଥମ ପହରେ ଦୂରରୁ ଦେଖିଲି
ମନ ହେଲା ଛନ ଛନ,
ଦ୍ୱିତୀୟ ପହରେ ଓଢଣୀ ଉହାଡୁ
ଦେଖିଲି ରୂପା ବଦନ । ୩ ।

ସରସୀରେ ଫୁଟି କଇଁ ଚାହୁଁଥିଲା
ବୁଝିପାରିଲି ତା ମନ
ତୋଳିଆଣି ଫୁଲ-ହାର ତିଆରିଲି
ପିନ୍ଧିବ ବୋଲି ମୋ ଜହ୍ନ । ୪ ।

ମହକାଇ ଦେଲା ଚନ୍ଦନ ଚନ୍ଦନ
ବନ୍ଧୁ ମଳୟ ପବନ
ଆସିଥିଲେ ମୋର କୋଇଲି ବାନ୍ଧବୀ
କରୁଥିଲେ କୁହୁ ତାନ । ୫ ।

ଯୂଈ- ଯାଇ-ହେନା ଫୁଟି ଚହଟିଲେ
କରିଦେଲେ ଫୁଲ-ବନ
ପ୍ରେମିକ ଭଅଁର ଶୁଣଉଥିଲା ତା
ମଧୁର ପ୍ରେମ ଗୁଞ୍ଜନ । ୬ ।

ତୃତୀୟ ପହରେ ପାଶେ ବସିଥିଲା
ଘେରିଥିଲେ ତାରା-ଫୁଲ
ମିଠା ଜୋଛନା ମୋ ମୁହେଁ ନେସୁଥିଲା
ପରଶ ଅମୂଲ ମୂଲ । ୭ ।

ସାଉଁଟି ଆଣିଲି ତାରା-ଫୁଲ ସବୁ
ସଜାଇଲି ଗଭାଦେଶେ
ଜହ୍ନ ଶୁଣୁଥିଲା ମୋ ଛାତି ସ୍ପନ୍ଦନ
ଚତୁର୍ଥ ପହର ଶେଷେ । ୮ ।

କହିଥିଲି ବୋଲି ସବୁ ଆସିଥିଲେ
ସତ କଲେ ମୋ ସପନ
ବାହୁବନ୍ଧନରେ ନିଦୁଆ ଆଖିରେ
ହାଇ ମାରୁଥିଲା ଜହ୍ନ । ୯ ।

ସାକ୍ଷୀ ଥିଲା ରାତି ମୋହନ ପାଶର
ଫୁଲ ଦୋଳିରେ ଝୁଲଣ
ଭୃରୁ ତା'ର ଧନୁଶର ସାଜିଥିଲା
ମୁଁ ସାଜିଥିଲି ଖଞ୍ଜନ । ୧୦ ।

। ଝଜିରୀବାହାଲ । ଅନୁଗୋଳ । ୯୪୮୮୧୦୮୫୯୬ ।


ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଆଜି ମନେ ମନେ ଝୁରେ

ବାଉରିବନ୍ଧୁ ଲେଙ୍କା



ହେଉ ପଛେ ଅତି ଅଳ୍ପ ସମୟର
ତୁମ ଲାଜୁଆ ଚାହାଣି
ଟାଣି ନେଇଥିଲା ମନକୁ ସେ ମୋର
ପ୍ରେମ କଟାକ୍ଷରେ ହାଣି ।।

ତୁମେ ଜାଣିଥିଲ ମୁଁ ଜାଣିଥିଲି
ଅକୁହା ଥିଲା ସେ କଥା
ସେଇ ଥିଲା ଆମ ପ୍ରେମର ପ୍ରଥମ
ନିରବ ସଂକେତ ବାର୍ତ୍ତା ।।

ଅଳପ ହେଲେ ବି କଳପ ପର୍ଯ୍ୟନ୍ତ
ରହିବ ସେ ସ୍ମୃତି ହୋଇ
ଜାଣେନା ମୁଁ ତୁମେ ସେଦିନ ସ୍ମୃତିକୁ
ମନେ ରଖିଛ କି ନାହିଁ ।।

ଫଗୁଣର ଫୁଲ ରଙ୍ଗ ଅବିରର
ଖେଳ କଥା ମନେ ଆସେ
ଦେଇଥିଲ ତୁମେ ପହିଲି ପରଶ
ପାଇଥିଲି ଅତି ପାଶେ ।।

ତରୁଣ ମନ ମୋ ଚହଲାଇ ଥିଲା
ପ୍ରଥମ ଛୁଆଁ ତୁମର
ନଦେଖିଲେ ଦିନେ ପାଗଳ ପରାଏ
ହେଉଥିଲା ମନ ମୋର ।।

ତୁମେ କହୁଥିଲ ମୁଁ ଶୁଣୁଥିଲି
ହୁଁ ମାରୁଥିଲି ବସି
ଜାଣୁଥିଲ ଯେବେ ଶୁଣୁନି ମୁଁ କିଛି
ରାଗେ ଯାଉଥିଲ ରୁଷି ।।

ରାଗ ରୁଷା ମଧ୍ୟେ ଲୁଚିରହିଥିଲା
ନିଗୂଢ ପ୍ରେମର ଗୀତି
ଚାଲିଗଲ ଦିନେ ବାଟ ଭାଙ୍ଗି ତୁମେ
ହୋଇଗଲା ସବୁ ସ୍ମୃତି ।।

ଭଲପାଏ ବୋଲି ଭୁଲି ପାରୁନାହିଁ
ଆଜି ମନେ ମନେ ଝୁରେ
ରହିଛି ବିଶ୍ୱାସ ଏ ଜୀବନେ କେବେ
ଦେଖା ହୋଇ ଯାଇପାରେ ।।

********

ଭୁବନେଶ୍ୱର । ୯୮୫୩୫୩୫୮୪୪

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଯୁବକବି ପ୍ରଶାନ୍ତ କୁମାର ନାଥ ଙ୍କ ଦୁଇଟି କବିତା :





## ମୋ ପ୍ରିୟାର ପ୍ରେମ

ଭଲପାଏ ବୋଲି ଓଠରେ ସିନା ମୁଁ
ପ୍ରିୟାକୁ ଦେଉଛି କହି
ହେଲେ ଲକ୍ଷେ ଶିବ ପୂଜୁଅଛି ସିଏ
କେବଳ ମୋହରି ପାଇଁ ।

ମୋହରି ପାଇଁ କି ଶୁଭ ମାନସୀ ସେ
କରୁଛି ଉପାସ ବ୍ରତ
ପ୍ରଭୁଙ୍କ ମଥାରେ କ୍ଷୀର ସେ ଢାଳୁଛି
କରୁଛି ତାଙ୍କ ସାକ୍ଷାତ ।

ନଡିଆ ଭାଙ୍ଗୁଛି ମୋହରି ନାମରେ
ମୋ ନାମେ ପୂଜୁଛି ହର
ମୋପାଇଁ ପରା ସେ ଉଜାଗର ରହି
ପାଳୁଛି ଆଜି ଜାଗର ।

ନିଜ କଥା ଭୁଲି ମୋ କଥା ଭାବୁଛି
ଚାହୁଁ ଅଛି ମୋର ଖୁସି
ମୋହରି ଖୁସିରେ ଖୁସି ସେ ହେଉଛି
ନହେଲେ ଯାଉଛି ରଷି ।

ଏତେ ଭଲ ସିଏ ପାଉଅଛି ମୋତେ
ଭାବିଲେ ଲାଗୁଛି ଡର
ତା ପ୍ରେମଟା ଏବେ ଲାଗୁଅଛି ମୋତେ
ନିଜ ଠୁଁ ବେଶି ନିଜର ।

---------------------------------

## ତୁମ ଗାଁ

ଆଖିରେ ଆଙ୍କିଛି ଛବି ମୁଁ ତୁମରି
ମନରେ ଲେଖିଛି ନାଆଁ
ମୋତେ ଏବେ ବେଶି ଆପଣାର ଲାଗେ
ପ୍ରିୟା ଗୋ ତୁମରି ଗାଆଁ ।

ତୁମ ଗାଆଁ ବିଲ ପାହାଡ଼ ଝରଣା
ଆମ୍ବ ତୋଟା ନଈ ତୁଠ
ତୁମ ଗାଁ ମଶାଣୀ ତୁମ ଗାଁ ଭଷାଣି
ତୁମରି ମନ୍ଦିର ମଠ ।

ତୁମ ଗାଁ ପଡିଆ ତୁମ ଗାଁ ଗଡିଆ
ତୁମ ଗାଁ ପୂଜା ପରବ
ତୁମ ଗାଆଁ ଶୀତ ତୁମ ଗାଁ ବସନ୍ତ
ଲାଗୁଛି ଭାରି ଗରବ ।

ତୁମ ଗାଆଁ ରାତି ତୁମ ଗାଁ ସକାଳ
ତୁମ ଗାଁ ଶୀତ କାକର
କେଜାଣି କାହିଁକି ତୁମ ଗାଆଁ ଏବେ
ଲାଗୁଛି ବେଶି ନିଜର ।

*****

ସୁନ୍ଦରପୁର,ଉତ୍ତରକୂଳ ହାଟ୍,ପ୍ରୀତିପୁର,ଯାଜପୁର ।
ମୋ-୮୩୧୦୩୨୮୩୪୫


ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଅନୁଗ୍ରହ



ସ୍ମୃତି ରଞ୍ଜନ ତ୍ରିପାଠୀ



ମିତଣୀ..ଲୋ ...
କେତେ ଯେ ଅବୁଝା ଅକ୍ଷରକୁ ତୋର
କରିଛି ମୋ କବିତାର ଓଢଣା
ତୋ ଅତି ପ୍ରିୟ ଶିଶିର ସରସ କାଶତଣ୍ଡୀ ଫୁଲକୁ
ସାଇତି ରଖି ,ଶେଫାଳୀର ମର୍ଯ୍ୟାଦା ଦେଇ
ତୋ ଦୀର୍ଘ ନିଶ୍ୱାସକୁ କରିଛି ଅଭ୍ୟର୍ଥନା ,
ମୋ ଅକର୍ମଣ୍ୟ ପାଦ ଯୁଗଳରେ ଗଢ଼ିଛି ଘୁଙ୍ଗୁରର ଢ଼ରଣ୍ୟ
ଲିଭିବାକୁ ଯୁଗ ଯୁଗର ପ୍ରେରଣା
ଯୁଝିବାକୁ ତୋ ଅବାଞ୍ଛିତ "ଅନୁଗ୍ରହ "ର କୋଟି ପାଉଣା..

ଲେଉଟାଣି ମେଘର ମିଛ ଦୁଷ୍ଟାମିରେ ଅସରାଏ ବର୍ଷା ହେଲେ
ଯେମିତି ବେଙ୍ଗ ବେଙ୍ଗୁଲି ଓଳି ପାଣିରେ ମୁହଁ ଘାସାଘଷି ହୁଅନ୍ତି
ମୁଁ ବି ବାଡ଼ିପଟ ଢ଼ିଙ୍କି ଚାଳିଆରେ ବସି ଠଉରଉଥିଲି
ତୋ ଲାଜକୁଳୀ ପାପୁଲିରେ ମଞ୍ଜୁଆତିର ବାସ୍ନା
ଯୁଝିବାକୁ ତୋ ଅଯାଚିତ "ଅନୁଗ୍ରହ"ର କୋଟି ପାଉଣା ...

କି ଶିରୋନାମା ମେଣ୍ଟେଇଲୁ ମୋତେ ଅହଂକାରୀର
ସମୟର ପ୍ରତିକୂଳ ସ୍ରୋତରେ ,ମୋ ସ୍ତମ୍ଭୀଭୂତ ସ୍ପନ୍ଦନରେ
କାଳେ ଆଉ ଝରେଇବନି ଉକ୍ତ ଅନର୍ଗଳ
ମୋ ନିର୍ଲିପ୍ତ ,ନିର୍ବୋଧ ,ନିର୍ବାକ ପଦାଘାତରେ
ଯୁଝିବା ପାଇଁ ତୋ ଅକୁଣ୍ଠିତ "ଅନୁଗ୍ରହ "ର କୋଟି ପାଉଣା ...

ବ୍ରହ୍ମ ସତ୍ୟ ,ଶକ୍ତି ସତ୍ୟ ,ଜ୍ଞାନ ଶିବ ସୁନ୍ଦର
କୃଷ୍ଣ ଶୁଦ୍ଧ ରାଧା-ରମଣୀ ର ଶୁନ୍ୟ ବାଣୀରେ ତା ମିତଣୀର ଶୂନ୍ୟ ସଙ୍ଗୀତରେ
ମୁଁ ସନ୍ଦିଗ୍ଧ ତୋ ବଶତାରେ ,କାୟା ଶୂନ୍ୟ ତୋ ଶଠତାରେ
କହ ! ତେବେ କିଏ ପ୍ରବଞ୍ଚକ ,କାହା ସଂଭାଷଣେ ଲଘିଁଯାଏ କୂଳ
କେଉଁ ମିତ୍ରଶକ୍ତିର ଆଢୁଆଳେ ଆଜି କାୟାଛାୟା ଉନ୍ମୋଚିତ
କେଉଁ ଅଦୃଶ୍ୟ ଇଙ୍ଗିତରେ ଆଜି
ତୋ ନିସ୍ତବ୍ଧ ପୁଷ୍କରଣୀରେ ନିଷ୍କ୍ରିୟ ଢଳ ଢଳ କମଳ
ଯିଏ ଫାଙ୍କା ଦିଗବଳୟରେ ଖୋଜୁଛି ବିଧୌତ ଜ୍ୟୋତ୍ସ୍ନା
ଯୁଝିବାକୁ ତୋ ଅମୁଲ୍ୟ "ଅନୁଗ୍ରହ "ର କୋଟି ପାଉଣା .....

କହି ପାରିବେ ସଭିଏଁ ,କରିପାରିବେନି କେହି ପଙ୍ଗୁ ମୋ ସାରସ୍ୱତ ସାଧନାକୁ
ହୋଇପାରିବନି ଅଥର୍ବ ମୋ ଲେଖନୀ ତୋ ଔପଚାରିକ କାବ୍ୟ ଗଣ୍ଡରେ ଯିଏ ଚିର କାଳ ଶାଶ୍ୱତ
ଦେଖ ! ଥରେ ଯାଇ ,ମୁଁ ଆଜି ବି ତୋ ଉଆଁସୀ ଉଦ୍ୟାନରେ
ତୋ ଅଲକ୍ଷରେ ଶୋଭାମଣ୍ଡିତ ଶୁଶୋଭିତଃ ବ୍ରହ୍ମ କମଳ
ଯୁଝିବାକୁ ତୋ ଅପ୍ରତ୍ୟାଶିତ "ଅନୁଗ୍ରହ "ର କୋଟି ପାଉଣା ମୁହୂର୍ତ୍ତ ମୁହୂର୍ତ୍ତ ... ।





# ସ୍ମୃତିର ଶିଖାଟି ଲିଭିନାହିଁ

**ମନୋରମା ମିଶ୍ର**

ସୂରୁଜ ଉଇଁଲେ ଗାଁଆ ମନେ ପଡେ
ମନେପଡେ ତୁମ କଥା
ସେଦିନ କଥାକୁ ଭାବି ଭାବି ଖାଲି
ବଢେ ଏ ମନର ବ୍ୟଥା ॥ ୦ ॥

କାହା ପାଇଁ ସିନା ଗଲାଣି ସେଦିନ
ଆମ ପାଇଁ ଯାଇନାହିଁ
ଯିଏ ଯାହା ବାଟେ ରହିଲେ ଆଜି ବି
ଭୁଲି ତ ହେଉନି କାହିଁ
ସ୍ମୃତିର ଶିଖାଟି ଲିଭିନାହିଁ ସାଥି
ଜଳୁଛି ଟେକି ତା ' ମଥା ॥ ୧ ॥

**ସୂରୁଜ ଉଇଁଲେ ........**

ନଈ ପଠା କୋଳେ ଶୀତଳ ସମୀର
ଗାଏ ସେ ପୁରୁଣା ଗୀତ
ଶ୍ୟାମଳ ବନାନୀ ସୁନୀଳ ଆକାଶ
ସେ ଦିନକୁ ଝୁରେ ମିତ
ସମୟ ଆଜି ବି ଅଟକି ସେଠାରେ
ଶୁଣାଏ ଅଧୁରା ଗାଥା ॥ ୨ ॥

**ସୂରୁଜ ଉଇଁଲେ........**

**ନୀଳାଦ୍ରି ବିହାର**
**ଭୁବନେଶ୍ୱର**



ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଡକ୍ଟର କୃତ୍ତିବାସ ନାୟକଙ୍କ ଦୁଇଟି ପ୍ରେମ ଗୀତ:



## (ଗୀତ -୧ )

ମୋ ମନ-ଶିଳାରେ ଲାଗିଗଲ ତୁମେ
ପ୍ରୀତିର ଶିଉଳି ହୋଇ ,
ମୁଦା ଆଖିରେ ମୋ ସପନ ଭରିଲ
ନିଦକୁ ହଜେଇ ଦେଇ । (ଘୋଷା)

ତୁମରି ମନଟି ପୀରତି ସାଗର ,
ସୁନାପରୀ ଟିଏ ପରୀ-ରାଇଜର ।
ମୋ ମନ ଆକାଶେ ଆସିଛ ଗୋ ତୁମେ
ପାହାନ୍ତିଆ ତାରା ହୋଇ । ।।୧।।

ଜାଣିଛ କି ସତେ କୁହୁକ ମନ୍ତର ?
ଅଜାଣତେ କିଣିନେଲ ମୋ ଅନ୍ତର ।
ତୁମରି ପରଶ ଦେଇଛି ଗୋ ମୋର
ତନୁ-ମନ ଦୋହଲାଇ । ।।୨।।

୦୦୦

**ଠିକଣା:**
**ଶୈଳଶ୍ରୀ ବିହାର**
**ଭୁବନେଶ୍ୱର. ୭୫୧୦୨୧**
**ଫୋନ. ୭୯୭୮୯୭୧୫୩**

---

## (ଗୀତ -୨)

ପଚାରୁଛ ଯଦି କହିଦେବି ସିନା -କହିବାକୁ ନାହିଁ ମନ,
ତୁମେ ଗଲା ପରେ ହରାଇଛି ଯାହା -ମୁଁ ଜାଣେ ତୁମେ ଜାଣ । (ଘୋଷା )

ଅଳପ କୁହାରେ ସେଦିନ ଅନେକ -ଦେଇଥିଲ ପ୍ରତିଶ୍ରୁତି ,
ପ୍ରଥମ ପରଶ ଲାଜ ଲାଜ ହସ -ହୋଇଗଲା ସବୁ ସ୍ମୃତି
କିଏ ବା କାହାକୁ ପ୍ରତାରଣା ଦେଲା - ମୁଁ ଜାଣେ ତୁମେ ଜାଣ । (୧ )

ତୁମରି ରୂପର ଆଲୋକ କିରଣ -କରିଛି ମୋତେ ଜଳକା,
ତୁମରି ପ୍ରୀତିର ମଧୁର ସପନ -ରହିଛି ଅଧା ବଳକା ।
ଅଧା କୁହା କଥା - ମନେପଡେ ଯାହା -ମୁଁ ଜାଣେ ତୁମେ ଜାଣ । (୨ )

ମୋର ହାତଗଢା ବାଲିଘର ଯଦି - ପବନରେ ଗଲା ଉଡି ,
ତୁମରି ହାତର ପରଶେ କିଆଁ ଦେଲନି ତାକୁ ସଜାଡି ?
ସେଇ ଭଙ୍ଗା ଘରେ ରହିଗଲା ଯାହା -ମୁଁ ଜାଣେ ତୁମେ ଜାଣ । (୩ )

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ସ୍ମୃତି ସଜଳ ସାୟା ଟିଏ



**ସରୋଜିନୀ ଦାସ**

ଦିନ ଥିଲା...
ତୁ ନ ଆସିଲେ,
ସାର୍ କହୁଥିବା କଥା
କାନରେ ପଶେନି।
ଝର୍କା ପାଖ ତୋ ସିଟ୍ ...
ଖାଲି ଦେଖିଲେ,
ମନ ପାଠ-ମନସ୍କତା ରୁ
ଖସିଯାଏ ,କୋଉ ଛୁଟିଦିନ
ନଈପଠା ଲୁଚକାଳି ଖେଳ ଆଡ଼କୁ।

ତୋତେ ଛାଡ଼ି ଦେଇ
ସ୍ଵର ରେ ସ୍ଵର ମିଶାଇ
କଥା କାଟିବାକୁ ଆଉ କାହାର
ସ୍ପୃହା ହିଁ ଆସେନି ।

ତୁ ଆସିଲେ
ବଗିଚା ରେ ଫୁଲ ଫୁଟେ
କେତେ ଜାତି ପ୍ରଜାପତି ଙ୍କୁ
ଉଡିବାର ଦେଖିପାରେ
ଛପି ଛପି ଧରିବାର
ଅପଚେଷ୍ଟା ବି କରେ...
କାଳେ ତୁ ମାଗି ବସିବୁ ବୋଲି।

ତୁ ଆସିଲେ....
ଖେଳ ପିରିୟଡ୍ ଟା
ଖୁବ୍ ରଙ୍ଗୀନ୍ ଲାଗେ
କିଛି ନା କିଛି ବାହାନା ବନାଇ
ତୁ ଥିବା ଗ୍ରୁପ୍ ରେ ମୁଁ
ସାମିଲ ହୋଇଯାଏ ।
ତୋତେ ହରେଇ ଗଡ ଜିତିବାକୁ
ମୋତେ ଖୁବ୍ ଭଲ ଲାଗେ ।

ମୁଁହ ଭାରି କରି
ଗାଲ ଓହଳେଇ
ରାଗି ମାଗି ରଫ ଖାତା ରେ

ଗାର କାଟୁଥିଲା ବେଳେ
ମୁଁ ସେବେ କଣେଇ କଣେଇ
ତୋତେ ଅନାଇ
ଅପ୍ରତିଦ୍ଵନ୍ଦୀ ବାଦଶାହା ର
ବାହାବା ନେଉଥାଏ ।
ଏସବୁ ଥିଲା
ସେ ଅପରିପକ୍ଵ ବୟସ ର
ଚୋରା ଚଇତାଳୀ ।

ଧିରେ ଧିରେ ଯେବେ
ପରିପକ୍ଵ ହେଉଥିଲି
ଇଂରାଜୀ ଶିକ୍ଷକଙ୍କ
ଅଜଣା ଆବେଗ ରେ
ଅଙ୍କା ସ୍ଵାକ୍ଷର କୁ
ବେଶ୍ ମୁକ୍ତ କଣ୍ଠ ରେ
ପ୍ରତିବାଦ କରୁଥିଲି।

ଘର ଫେରନ୍ତା ରାସ୍ତାରେ
ତୋର ଛାଇ ହୋଇ ରହୁଥିଲି।
ତୋ' ଛାଇ କୁ ବି କେହି ଛୁଇଁଦେଉ....
ଯେ ମୋର ସୁପ୍ତ ଚେତନା ରେ ବି
ବର୍ଦାସ୍ତ ହୁଏ ନାହିଁ ବୋଲି,
ସାଙ୍ଗ ମେଳ ରେ 'ବଡିଗାର୍ଡ' ର ବି
ଆଖ୍ୟା ପାଇଥିଲି ।
କୁଆଁର ପୁନେଇଁ
ରାତି ଉଜାଗର
ରହୁଥିଲି,ପାଳଭୁତ
ସାଜି ତୋରି ସାନ୍ନିଧ
କିଛି ସାଉଁଟି ଆଣିବି ବୋଲି ।

ଭଲ ଲାଗୁଥିଲା
ମୋ ପାଖେ ତୁ
କିଛି ଫର୍ମାଇସ୍ କରୁଥିଲେ...।

ଜୀବନ ଟା ତୋ'ମନସ୍କ
ହୋଇପଡିବା ବେଳେ,
ବାସ୍ତବତା ର ଅନେକ
କଙ୍କର ଗୋଟେଇବାକୁ ପଡ଼ିଥିଲା ।

ଝଡ ଥମିଗଲା
ଥମ୍ ଥମ୍ ଆକାଶ ବି,
ଲୁହ ସବୁ ଝାରିଦେଇ
ଖରାଟିଆ ଆକାଶ ର
ପରିଷ୍କାର ବର୍ତ୍ତମାନ ରେ ହଜିଗଲା।

କିଛି ବି ତ ଭୁଲିନି
ଏ ଯାଏଁ-----।
ଏବେ ଏବେ
ଜୀବନ ର ସାୟାହ୍ନ ର
ସଞ୍ଜବେଳେ
ନିଇତି ଧସେଇପଶୁଛି
ମୋ ମନ ଝରକା ଡେଇଁ
ହୃଦୟକୁ ......
ସେଇ ଯେଉଁ
ସରୁ ରାସ୍ତା ଟି
ଲମ୍ବିଛି ।
ସଜଳ ସ୍ମୃତିର
ଚାଦର ଘୋଡି ହୋଇ ସାୟା ଟିଏ ।


କିଏ ତୁ ????
ମୋ ପ୍ରଥମ ପ୍ରେମ ର
ନିରଙ୍କୁଶ ନାୟିକା ନା !!!

.................................

**କଳିଙ୍ଗବିହାର, ଭୁବନେଶ୍ଵର।**
**ମୋ ୯୦୪୦୫୮୮୮୬୨**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ହୃଦୟ ରାଣୀ

ଦୀପକ ଦେ




ନବୀନ ଗନ୍ଧେ ସମ୍ମୋହିତ ,ପ୍ରଣୟ-ମନ୍ତ୍ରିତ ମୂର୍ଚ୍ଛନା ତୋଳି,
ପରଶେ ପୁଷ୍ପିତ, ଭ୍ରମନ୍ତି ଯେସନ ବନଫୁଲେ ଅଳି ।
ଚଞ୍ଚଳି ପାହାଡି - ଝର ଗୁଞ୍ଜରିତ ଉତ୍ତାଳ ତରଙ୍ଗେ
ଚପଳ ଶୀତଳ ସମୀର ତୃଷ୍ଣନ୍ତି ଶିହରିତ ଭ୍ରୁଭଙ୍ଗେ ।

ନୀଳଉର୍ମି ପରାଏ ହୃଦୟ ଫଳକେ ଚମକଇ ହରିନ୍ମଣି,
ପୁଲକେ ସୁପ୍ରକାଶିତ ନୟନ ଯୁଗଳ ଲାବଣ୍ୟ ଠାଣି ।
ସଦା ପୁରିତ ମଧୁ ଅଧରେ,ପରସନ୍ନ ମନ ପ୍ରେମୋହେ
ସାଗ୍ରହ ବାସର ବାଞ୍ଛଇ ଶୀତାଂଶୁମୁଖୀ ପରମ ସେନେହେ ।

କୌମୁଦୀ ପ୍ରଲେପେ ସୁସଜ୍ଜିତ ସଲ୍ଲଜ ,ସୁଡୋଳ ବକ୍ଷୋଜ
ଶ୍ୱେତ ଶତଦଳେ ବିମୁଗ୍ଧ ବୈଭବ,ଅକଳଙ୍କ ଉନ୍ମୁକ୍ତ ସାମ୍ରାଜ୍ୟ ।
ଚପଳ ଛନ୍ଦେ ,ଚପଳ ହାର କାକର କଲ୍ଲୋଳେ ଗଳେ ଗ୍ରଥିତ,
ପ୍ରଫୁଲ୍ଲ ଲପନେ,ରସ ମାଧୁର୍ଯ୍ୟେ ଶ୍ରୀ ତନୁକାନ୍ତି ହୃଦୟ ପୋଷିତ।

ଚକିତ ଲୋଚନେ ,କାବ୍ୟ ରସନାରେ ଦୋଳନ୍ତି ଚୁମ୍ବି ବଦନ
ବାହୁ ବେଷ୍ଟନୀରେ, ଅଙ୍କ -ପଲଙ୍କେ କରନ୍ତି ପୀୟୁଷ ପାନ।
ଲହରୀ ପରାଏ ହୃଦ ଜ୍ୟୋସ୍ନା ତାରେ ବାସନା ଉଠଇ ଜାଗି
ଆବେଗ ରତାରେ ,ଓଷ୍ଠ ଅଧରେ ବାସର ବାଞ୍ଛଇ ମଧୁମକ୍ଷୀ ।

ମହାର୍ଘ ମୁହୂର୍ତ୍ତେ ଯୁବତୀ ଶିରୋମଣି ସୃଜଇ ମହ୍ଲାର ରାଗିଣୀ
ଚାରୁଚିତ୍ର ମୟ ଭ୍ରମେ ଭ୍ରମନ୍ତି ମଧୁ ଅଭିସାରେ ,ହୃଦୟ ରାଣୀ।
ଅଙ୍ଗେ ଅଙ୍ଗେ ଶିହରିତ ବନସ୍ପତି ସ୍ମୃତି ,ସୁଗୋଲ ହସ୍ତାକ୍ଷରେ
ଢାଳି ପୂର୍ଣ୍ୟ ମୟୁଖ, ମଣ୍ଡନ୍ତି ସପ୍ରେମ ଯଥା ବାରିଧାର ଅମ୍ବରେ।


**। ଅନୁଗୋଳ , ଓଡିଶା ।**

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର




# ଏମିତି ବି ପ୍ରେମ

ସୁନିତା ବାରିକ



ଜୀବନ ର ପ୍ରଥମ ପ୍ରେମ
ଭୁଲି ଯିବା କ'ଣ ଏତେ ସହଜ
ଭୁଲି ଯିବା ର ଅଭିନୟ କରିବା ଟା
କେତେ ଯେ କଷ୍ଟ ସାଧ୍ୟ!
ଭଲପାଇବା ର ନିବିଡତାକୁ
କାହା ଆଗେ ପ୍ରକାଶ କରିବା ବି
ତ ସହଜସାଧ୍ୟ ନୁହେଁ
ନିନ୍ଦା ଅପବାଦ ଭୟରେ
ଏକା ଏକା ଜଳି
ଜାଳିବାକୁ ପଡେ ସ୍ମୃତି ସବୁ କୁ
ପ୍ରେମ ର ପ୍ରତିଟି ମୁହୂର୍ତ୍ତ ର
ସାକ୍ଷୀ ହୋଇ ରହିଥିବା ସେ
ଜହ୍ନ ତାରା ସବୁ କେବେଠୁ
ମୁହଁ ଫେରେଇଲେଣି ମୋ ଠାରୁ
କାଳେ ମୁଁ ଜଣେ ପ୍ରତାରକ ପ୍ରେମିକ
ହେଲେ ତୁମେ ତୁମ ହୃଦୟ ରେ
ହାତ ରଖି କହିଲ
ପ୍ରତାରକ ମୁଁ ନା ତମେ ମୋତେ ସଜେଇଛ
ଆଜି ବି ହୃଦୟ ର ନିବୃଷ୍ଟ କୋଣରେ
ତୁମ ର ସ୍ମୃତି ସବୁ ଆବୋରି ବସିଛି
ନା ସେ ମୋତେ ଛାଡ଼ି ଯାଉଛି
ନା ମୁଁ ତାକୁ ମୋଠୁ ଯିବାକୁ ଦେଇଛି
ପ୍ରତାରଣା କି ଛଳନାର ଦାଗ
ତୁମ କୁ ସ୍ପର୍ଶ ନ କରୁ ବୋଲି
ଆଜି ଦୁନିଆ ଦାଣ୍ଡରେ ଜଣେ
ପ୍ରତାରକ ବୋଲି କେତେ ଯେ
ଥୁ..ଥୁ କେତେ ଧିକାର ନଶୁଣୁଛି
ହେଲେ ଥରୁଟିଏ ହେଲେ
ତମ ଅନ୍ତଃମନ ତୁମ କୁ ବାଧାଦେଇନି
ପ୍ରେମ ତ ଦୁହେଁ କରିଥିଲେ
ହେଲେ ମୋ ଭାଗରେ ସବୁ
ପ୍ରତାରଣା ଢାଳି ଦେଇ
ତୁମେ ସାଜିଗଲ ନିରୋଳା ପ୍ରେମିକା
ହେଲେ ମୋର ଦୁଃଖ ନାହିଁ
ସବୁ ପ୍ରେମ ଯେ ଏକ ନିର୍ଦ୍ଦିଷ୍ଟ
ପରିଚୟ ବହନ କରିବ
ତାର କିଛି ମାନେ ନାହିଁ
ମୁଁ ଏଇଥିରେ ହିଁ ଖୁସି ହୋଇ
ବାକି ଜୀବନ ଜିଇଁଯିବି
ପ୍ରତାରକ ର ମୁଖା ପିନ୍ଧି
ସବୁ ଅପବାଦ ର
ବୋଝକୁ ମୁଣ୍ଡରେ ମୁଣ୍ଡେଇ ଚାଲିବି
କେବଳ ତୁମ ପାଇଁ......
କାହିଁକି ନା ଏ ଜୀବନ ରେ
ତୁମେ ହିଁ ମୋର ପ୍ରଥମ ପ୍ରେମ
ଆଉ ତୁମେ ହିଁ ମୋର ପ୍ରଥମ ପ୍ରେମିକା
ତୁମ ସହିତ ବିତିଥିବା ପ୍ରତିଟି ମୁହୂର୍ତ୍ତ
ମୋ ଜୀବନ ର ଅବିସ୍ମରଣୀୟ
ତୁମ ପାଇଁ ପ୍ରେମ ଏକ ଅଦିନିଆ ବର୍ଷା
କିନ୍ତୁ ମୋ ପାଇଁ ପ୍ରେମ ଏକ
ମଧୁର ସ୍ପର୍ଶ ଯାହା ବିନା
ଜୀବନ ଟା ଖାଲି ହାହାକାରମୟ ତୃଷ୍ଣା

ଦକ୍ଷିଣ କାଳୀ ରୋଡ଼,
ଢେଙ୍କାନାଳ-୭୫୯୦୦୧



ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଅଭୁଲା ସ୍ମୃତି

ଶ୍ରୀମତୀ ଜୋତିର୍ମୟୀ ପରିଜା

ଆଦ୍ୟ  ଯଉବନେ ପ୍ରଥମ ବସନ୍ତେ
ଶୁଣି ଦେଲି ଯେବେ କୁହୂ,
କୋକିଳ ନୁହେଁ ସେ ତୁମ କଣ୍ଠ ସ୍ୱର
ଝରୁଥିଲା ସେଠୁ ମହୁ  ।

ଆକାଶ ଜହ୍ନ କୁ ମନ ଦେଇଦେଲି
ତୁମକୁ କହିବ ବୋଲି,
କୃଷ୍ଣ ଚୂଡାର ପାଖୁଡ଼ାରେ କେତେ
ରଙ୍ଗ ହୋଇଗଲା ବୋଳି ।

ତୁମେ ଯେବେ ଧୀରେ ଛୁଇଁ ଦେଲ ମୋର
ହୃଦୟ ବୀଣାର ତାର,
ସପତ ରାଗରେ ଗାଇ ଉଠିଲା ସେ
ଦିବ୍ୟ ମୋହିନୀ ସ୍ୱର ।

ମାଟି ସବୁଜିମା ଫୁଲର ଲାଲିମା
ସବୁଠାରେ ତୁମ ସ୍ଥିତି,
ବିନା ମଳୟରେ ସୁବାସ ଚହଟେ
ଆନମନା କରି ମତି ।

ଉଡ଼ନ୍ତା ଚଢେଇ ଡେଣାରେ ଉଡେଇ
ଦିଏ ଯେତେ ଭାବ ମୋର,
ନଈର ଛାଈରେ ଗଢୁଥାଏ ବସି
ସୁଖ ପ୍ରେମର ନଅର।

ତିନି-ବଣି ଦେଖି ଚାହିଁ ବସିଥାଏ
ଆସୁଥିବ ବୋଲି ଚିଠି,
ହୃଦୟ ସ୍ପନ୍ଦନ ବଢ଼ିଯାଏ ଯେବେ
ଶୁଭେ ଡାକବାଲା ଘଣ୍ଟି ।

ଚିଠି ବୋଲି ତାକୁ ଭାବି ପାରେ ନାହିଁ
ଲାଗେ ସେ ରତନ ଖଣି,
ଅଙ୍ଗଲଗା କରି ରଖିଦିଏ ତାକୁ
କେତେ ଯେ ସପନ ବୁଣି ।

ଏବେ ବି ରଖିଚି ସେ ଅମୂଲ୍ୟ ରତ୍ନ
ସାଇତି ମୋ ହୃଦୟରେ,
ପ୍ରତିଟି ଅକ୍ଷର ଗୋଟିଏ ନଅର
ତୁମେ ରାଜା ସେ  ନଅରେ ।

ଆଜି ବି ଜୀବନ୍ତ ସ୍ମୃତି ପେଟିକାରେ
ସେଇ ମୋ ଅମୁଲ୍ୟ ରତ୍ନ,
ଜୀବଥିବା ଯାଏ ଲୋଭବିତ ଥାଏ
ନେଉଥିବି ତାର ଯତ୍ନ ।

**ଭୁବନେଶ୍ୱର, ଓଡିଶା**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲା ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପ୍ରଥମ ପ୍ରେମ

ସୁଷମା ପରିଜା



ମୋ ସ୍ମୃତି ର ଅତଳ ଗହ୍ୱରେ ସାଇତା
ଆଜି ବି ରହିଛି ସେଇ  ଦିନ
କିଶୋର ବୟସେ ତୁମ ସାଥେ ଦେଖା
ହୋଇଥିଲା ମୋର ଯେଉଁ ଦିନ ।।

ଅଜଣା ସେ କେଉଁ ଆକର୍ଷଣ ଥିଲା
ଦୁଇ ଟି ହୃଦୟ ଏକ ହେଲା
ପ୍ରେମ କ'ଣ ବୋଲି ବୁଝିବା ଆଗରୁ
ଅଜାଣତେ ପ୍ରେମ ହୋଇଗଲା।।

ସେଇ ନଦୀ ଥିଲା ,ସେ ପୃଥିବୀ ଥିଲା
କିନ୍ତୁ ନଥିଲା ସେ ଏତେ ରଙ୍ଗଭରା
ମନ ଆକାଶ ରେ ଉଇଁ ତ ନଥିଲେ
ଏତେ ଚିକ୍ ମିକ୍ ଚାନ୍ଦ ତାରା ।।

ଆମେ ଥିଲେ ସାଥୀ ଗୋଟିଏ ଗାଆଁ ର
ସାଧାରଣ ଥିଲା ଆମ ବନ୍ଧୁ ପଣ
ଥିଲା କେଉଁ ଋତୁ ର ସେ କାଉଁରୀ ପରଶ
ଯେ ବଦଳାଇ ଦେଲା ଆମ ମନ ।।

ତୁମ ଆଖିରେ ଆଖି ମିଶିଲେ ଯେମିତି
ମନେ ବିଜୁଳି ଚମକ ଖେଳି ଗଲା
ତୁମ ହାତ ସ୍ପର୍ଶ ବାଜିଗଲେ  ଦେହେ
କେତେ ଅଜଣା ପୁଲକ ଭରିଗଲା ।।

ଦୁହେଁ ଜାଣୁ ଥିଲୁ ଦୁହେଁ ବୁଝୁଥିଲୁ
ଥିଲା ନୂଆ ନୂଆ ଏକ ଅନୁଭୂତି
ହେଲେ କହିବାକୁ ସାହସ ନଥିଲା
ତେଣୁ ଦୁହେଁ ରହିଗଲୁ ମୁହଁ ପୋତି ।।

ସେଇ ନୀରବତା ନେଇଗଲା ଦିନେ
ତମକୁ ମୋ' ଠାରୁ ଦୂର କରି
ମୁଁ ସିନା ଥିଲି ଝିଅ ଟିଏ ବୋଲି
କହି ପାରିଲିନି ମୁହଁ ଖୋଲି ।।

ସେବେ ପଦୁଟିଏ ଯଦି କହିଥାନ୍ତ ତମେ
ମୋତେ ଭଲପାଅ ତୁମେ ବୋଲି
ଆଜି ବି ଥାଆନ୍ତେ ସାଥୀ ହୋଇ ଆମେ
ଛୋଟ ନୀଡ ଟିଏ ନିଜେ ତୋଳି ।।

ଆଜି ଉତ୍ତର ବୟସେ  ନିଜ ସଂସାର ରେ
ଜଞ୍ଜାଳ  ରେ ବିତି ଯାଏ ଦିନ
ସତ କହିବ କି ତୁମେ ମନରେ ତୁମର
ଆସେ ନି କି କେବେ ମୋର ମୁହଁ ?

**ଶାରଳା ଭବନ, ପୋତାପୋଖରୀ. ନୂଆବଜାର, କଟକ**

ପ୍ରଥମ ପ୍ରେମର ପ୍ରଥମ ଗୀତ
ପ୍ରୀତ ନୁହେଁ ସେ ଅଭୁଲ ସ୍ମୃତ

ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଅଲିଭା ବ୍ୟଥା

**ପ୍ରଭାତ କୁମାର ନାୟକ**



ମନେ ପଡେ ଆଜି ତୁମ ସାଥେ ଯେବେ
ହୋଇଥିଲା ମୋର ଦେଖା,
ସରମି ଲତା କି ଲାଜରେ ଲାଜେଇ
କହୁ ଥିଲା ପଦେ କଥା ।

ଚନ୍ଦ୍ର ବଦନି ଗୋ ପ୍ରୀତି ମନ୍ଦାକିନୀ
ମନ କିଣି ନେଲ ମୋର ,
ଚାହାଣୀ ତୁମର କାହାଣୀ ଲେଖିଲା
ହୃଦୟ କାନ୍ଥରେ ମୋର ।


ଚାନ୍ଦିନୀ ରାତ୍ରିରେ ଜୋଛନାରେ ଭିଜି
ହେଉଥିଲେ କେତେ କଥା ,
ଆଦ୍ୟ ଆଷାଢ଼ର ପ୍ରୀତିର ପରଶେ
ଲିଭି ଯାଉଥିଲା ବ୍ୟଥା ।

ମନ ପ୍ରେମ ପକ୍ଷୀ ଉଡୁଥିଲେ ନଭେ
ପ୍ରେମର ଗଜଲ ଗାଇ ,
କୁଳୁ କୁଳୁ ନାଦେ ବହି ଯାଉଥିଲା
ପ୍ରୀତିର ଯମୁନା ନଈ ।

ଆଜି କିନ୍ତୁ ସବୁ ଯାଇଛି ଉଜୁଡି
ଭାଙ୍ଗିଛି ପ୍ରେମର ଘର,
ଅକୁହା ବେଦନା କାହା ଆଗେ କହିବି
ଜଳୁ ଅଛି ମନ ମୋର ।

ତୁମେ ଥିଲ ସାଥି ଜୀବନେ ମୋହର
ପହିଲି ଓ ଶେଷ ପ୍ରୀତି
ତୁମ ବିନା ଏଇ ଅଲୋଡ଼ା ଜୀବନ
କାଳ ବଇଶାଖୀ ତାତି ।

**ମଧୁପୁର ,ଭଦ୍ରକ ,ଓଡିଶା**



ସୃଜନୀ ପରିବାର (ଚେନ୍ନାଇ )



# ଏ ଜୀବନେ

## ନିର୍ମଳା ଦେବୀ

ଆଶା ବିଲୋଳ କୁସୁମ ଅୟନେ
ରତ ଥିଲି ଯେବେ ଫୁଲ ଚୟନେ
କିଏ ଚୁପି ଚୁପି ଆସେ ସେ ବେଳେ
ଆଖି ଥାପିଲା ଯେବେ ଏ ନୟନେ ॥

ସେହି ପଲକ ଆଲୋ କି ଲଗନେ
ଭୁଲୁଁ ଭୁଲୁଁ ଏ ନିଖିଳ ଭୁବନେ
କାହିଁ ମିଳାଇ ଗଲା ସେ ଝଲକେ
ଛାଇ ଲିଭାଇ ତା କେଉଁ ଗଗନେ ॥

ସେଇ ଦିନୁ ସେ ଅଦେଖା ନୟନେ
ଯେତେ ହେଜିଲି ଶୟନ ସପନେ
ସେ' କି ସତ ଅବା ମିଛ ସହିରେ
ସମାଧାନ ନ ହେଲା ଏ ଜୀବନେ ॥

www.hirranmayi.com